## ସଂକ୍ଷେପରେ

### କାମୁଡ଼ା ଘୋଡ଼ାକୁ କାବୁକଲେ ଲୋକେ

ବାସୁଦେବପୁର,୧।୪ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ମୁଖ୍ୟ ବଜାର ଓ ଏହା ଆଖପାଖ ଅଞ୍ଚଳରେ ଲୋକଙ୍କୁ ଗୋଡ଼ାଇ କାମୁଡୁଥିବା ୨ ଘୋଡ଼ାକୁ ଲୋକେ କାବୁ କରିଛନ୍ତି। ପ୍ରାୟ ୧ ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ୨ ଘୋଡ଼ା କାମୁଡ଼ି ରକ୍ତାକ୍ତ କରିଥିଲେ। ୨ଟି ଯାକ ଘୋଡ଼ାକୁ କାବୁକରି ଅନ୍ୟତ୍ର ଛାଡ଼ିବା ପାଇଁ ସହରବାସୀ ପୌରପାଳିକା, ବନ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗକୁ ଅବଗତ କରିଥିଲେ ମଧ ଏହା ଉପରେ କେହି ଦୃଷ୍ଟି ଦେଇ ନ ଥିଲେ। ଶେଷରେ ସୋମବାର ରାତିରେ ନିଡଇଣ୍ଡିଆ ସାହି ଓ ଇଣ୍ଡିଆସାହି ଅଞ୍ଚଳର କେତେଜଣ ଯୁବକ ୨ ଘୋଡ଼ାକୁ କାବୁକରି ଦଉଡ଼ିରେ ଏକ ଉପୁଡ଼ି ପଡ଼ିଥିବା ଗଛରେ ବାନ୍ଧି ଅଟକ ରଖିଛନ୍ତି। ପ୍ରବଳ ଖରାରେ ଗଛରେ ବନ୍ଧା ହୋଇ ଅଟକିଥିବା ଘୋଡ଼ା ଦୁଇଟିକୁ ପ୍ରଶାସନ ନିଜ ଅକ୍ତିଆରକୁ ନେଇ ଅନ୍ୟତ୍ର ଛାଡ଼ିବାକୁ ସହରବାସୀ ଦାବି କରିଛନ୍ତି।

# ଡାକ୍ତର, କର୍ମଚାରୀ ଅଭାବ

ସାବରଙ୍ଗ,୧।୪(କାଳିପଦ ରାୟ)




**ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- **୧୦ ବର୍ଷ ହେଲା ନାହାନ୍ତି ଭେଷଜ ବିଶେଷଜ୍ଞ**
- **ବଦଳି ପରେ ପୂରଣ ହେଉନି ପଦବୀ**

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦିଆଯାଇପାରୁ ନାହିଁ। ଫଳରେ ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ଚାନ୍ଦବାଲି ବ୍ଲକର ୭ ପଞ୍ଚାୟତ ଓ ପଡ଼ୋଶୀ ବାଲେଶ୍ୱର ଜିଲା ସମେତ ୩ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ପ୍ରତ୍ୟହ ୧ ହଜାରରୁ ଊର୍ଦ୍ଧ୍ୱ ବହିର୍ବିଭାଗ ରୋଗୀ ଚିକିତ୍ସା ପାଇଁ ଆସୁଥିବାବେଳେ ଶତାଧିକ ଅନ୍ତର୍ବିଭାଗ ରୋଗୀ ଚିକିତ୍ସିତ ହେଉଛନ୍ତି। ଏଭଳି ସ୍ଥିତିରେ ୨୦୧୫ ଅକ୍ଟୋବରରେ ଡା. କରୁଣାକର ବିଶ୍ୱାଳଙ୍କ ବଦଳି ପରଠାରୁ ୧୦ ବର୍ଷ ହେଲା ଭେଷଜ ବିଶେଷଜ୍ଞ ନାହାନ୍ତି। ସେହିପରି ୨୦୧୭ରୁ ନିଶ୍ଚେତକ ବିଭାଗର ଡା. ଭୀଷ୍ମ ପରିଡ଼ାଙ୍କ ବଦଳି ପରଠୁ ପଦବୀ ଖାଲିପଡ଼ିଛି। ୨୦୧୫ ନଭେମ୍ବରରୁ ଚକ୍ଷୁ ବିଭାଗ ଡାକ୍ତର ନାହାନ୍ତି। ବିଏଏମ୍ (ବ୍ଲକ ଆକାଉଣ୍ଟ୍ସ ମ୍ୟାନେଜର), ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଦନ୍ତ ଚିକିତ୍ସକଙ୍କ ସହ ୧୫ ସହକାରୀ ମେଡିକାଲ ଅଫିସର ପଦବୀ ଫାଙ୍କା ପଡ଼ିଛି। ଏହି ଡାକ୍ତରଖାନାରେ ଅନୁମୋଦିତ ୨୨ଟି ପଦବୀରୁ ଅଛନ୍ତି ମାତ୍ର ୩ଜଣ ଡାକ୍ତର। ଏଥିସହ ଗତ ୧ ବର୍ଷ ମଧ୍ୟରେ କାର୍ଯ୍ୟରତ ୭ ଡାକ୍ତର ଉଚ୍ଚଶିକ୍ଷା ଲାଭ ଓ ଅନ୍ୟାନ୍ୟ କାରଣ ପାଇଁ ଛୁଟିରେ ଯାଇଥିବା ବେଳେ କୌଣସି ଡାକ୍ତର ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ମେଡିକାଲ ଅଫିସର ଶିଶୁ ରୋଗ ବିଶେଷଜ୍ଞ ଡା. ସୁଶାନ୍ତ ସାମନ୍ତ କୌଣସି ସରକାରୀ କାର୍ଯ୍ୟରେ ବାହାରକୁ ଗଲେ ଶିଶୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିମେଦ, ଏଡ଼ତାଳ, ବାରାପୁର ଓ ମନ୍ଦାରୀ ପ୍ରାଥମିକ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ରୋଗୀମାନେ ସେବା ପାଇପାରୁ ନାହାନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଛନ୍ତି, ଡାକ୍ତର ନିଯୁକ୍ତି ସରକାରଙ୍କ ଦାୟିତ୍ୱ। ସରକାର ଡାକ୍ତର ନିଯୁକ୍ତି ଦେଲେ ସମସ୍ୟାର ସମାଧାନ ହୋଇପାରିବ।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

### ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ପୁରୁଣା କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ,୧।୪(ସନାତନ ରାଉତ)

ଓଡ଼ିଶା ଦିବସ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସକାଳ ୮ଟାରେ ସହରର ମହତାବ ଛକରେ ଥିବା ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ମାଲ୍ୟାର୍ପଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଗଦାଧର ବଳ, ପଙ୍କଜ ବଳ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ମାଲ୍ୟାର୍ପଣ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ, ପୁରୁଣା କୋର୍ଟ ପରିସର, ଜିଲା ସ୍କୁଲ ପରିସର, ଭଦ୍ରକ ବାଇପାସ୍, ଗାନ୍ଧୀପଡ଼ିଆ ଆଦି ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡାହାଣୀଗଡ଼ିଆ ଛକରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ।

**ଧାମନଗର,(ଦେବେନ୍ଦ୍ର ଆନ୍ଦିଆ):** ଧାମନଗର ଭାଜପା ମୁକୁନ୍ଦଦେବ ମଣ୍ଡଳ ପକ୍ଷରୁ ସଭାପତି ପ୍ରମୋଦ କୁମାର ସୂତାରଙ୍କ ନେତୃତ୍ୱରେ ଗୋହିରାଟିକିରିଠାରେ ମଙ୍ଗଳବାର ଓଡ଼ିଶା ଦିବସ ପାଳନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ହୃଦାନନ୍ଦ କର, ଶ୍ରୀକାନ୍ତ ଦାସ, ଦିଲୀପ ସାମଲ, ବିଜୟ ଶଙ୍କର ନାୟକ, ସୁବ୍ରତ ସାମଲ, ରାଜୀବ ମାଝୀ, ଆଇନଜୀବୀ ରଣଜିତ ମହାନ୍ତି, ନାରାୟଣ ସାହାଣୀ, ଭାସ୍କର ରାଉତ, ସହଦେବ ରାଉତ, ରଞ୍ଜିତ ସାହୁ, ଭଗବାନ ଦାସ, ଚକ୍ରଧର ବେହେରା, ରାକେଶ ପତି, ଦିଲୀପ ସାହୁ, ଶ୍ୟାମସୁନ୍ଦର ସାହୁ, ରାଜେନ୍ଦ୍ର ସାହୁ, ବନମାଳୀ ଜେନା, ରବୀନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୋହିରାଟିକିରିଠାରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ତିହିଡ଼ି,(ସଞ୍ଜିତ ବଳ):** ଓଡ଼ିଶା ଦିବସ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୈରାଗୀ ଚରଣ ଜେନା ଓ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଓ ତିହିଡ଼ି ବଜାରରେ ଥିବା ଏହି ପ୍ରତିମୂର୍ତ୍ତିରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମାଲ୍ୟାର୍ପଣ କରିଥିଲେ। ଏବିଡିଓ ମାନସ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ରଘୁନାଥ ପାତ୍ର, ସିତାକାନ୍ତ ନାୟକ, କେଶବ ବେହେରା, ସରୋଜ ନାୟକ, ପ୍ରମୋଦ ଦାସ, ତପନ ପାଢ଼ୀ, ସାଇଶରଣ ବେହେରା, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ସୂର୍ଯ୍ୟନାରାୟଣ ଭୋଇ, ସଂଗ୍ରାମ ମହାନ୍ତି, ଦେବବ୍ରତ ପାଢ଼ୀ, ଯଜ୍ଞଦତ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳପଦାଠାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ଧୁଷୁରୀ,(ଦୀପ୍ତିରଞ୍ଜନ ନାୟକ):** ଧାମନଗର ବ୍ଲକର ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରଠାରେ ଧୁଷୁରୀ ପ୍ରେସ୍ ୟୁନିୟନ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ୟୁନିୟନ ସମ୍ପାଦକଙ୍କ ସଂଯୋଜନା ଓ ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଅବସରପ୍ରାପ୍ତ ଶିକ୍ଷକ ନିରୋଦ କୁମାର ବେହେରା, ଶିକ୍ଷକ ରଘୁନାଥ ସ୍ୱାଇଁ, ସବ୍ ଇନ୍ସପେକ୍ଟର ବାସୁଦେବ ଓରାମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର, ସହସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ଅନୁକମ୍ପା ମହିଳା ସଙ୍ଗଠନର ଉପସଭାପତି ବିମଳା ନାଥ, ସଭ୍ୟା ଇପ୍ସିତା ହୋତା, ଅନନ୍ତ ନାୟକ, ଗୋପାଳକୃଷ୍ଣ ନାୟକ, ସୌରଭ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଚାନ୍ଦବାଲି,(କିଷାନ ପାତ୍ର):** ଚାନ୍ଦବାଲିରେ ମଙ୍ଗଳବାର ଓଡ଼ିଶା ଦିବସ ପାଳନ କରାଯାଇଛି। ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଆଇଆଇସି ପରେଶ ମହାନ୍ତି ପ୍ରମୁଖ ଚାନ୍ଦବାଲି ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଚାନ୍ଦବାଲି ଓକିଲ ସଂଘ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମହାପୁରୁଷମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ।

## ପ୍ରତିଷ୍ଠା ଦିବସରେ ୬ ପୋଲିସ ପୁରସ୍କୃତ


ସବ୍‌ଇନ୍ସପେକ୍ଟର ଅରୁନ୍ଧତୀ ପରିଡ଼ାଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ,୧।୪(ସନାତନ ରାଉତ)

ଭଦ୍ରକ ଚରମ୍ପା ରିଜର୍ଭ ପୋଲିସ ପଡ଼ିଆରେ ମଙ୍ଗଳବାର ସକାଳ ୮ଟାରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ଲୋକଙ୍କ ପାଇଁ ପୋଲିସ ସବୁବେଳେ କାମ କରୁଛି ବୋଲି କହିଥିଲେ। ସେଥିପାଇଁ ଜନସାଧାରଣ ପୋଲିସକୁ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୋଲିସ ବିଭାଗରେ ନିଷ୍ଠାର ସହ କାମ କରିଥିବା ୬ଜଣଙ୍କୁ ପୁରସ୍କୃତ କରାଯାଇଛି। ଟାଉନ ଥାନାର ସବ୍‌ଇନ୍ସପେକ୍ଟର ଅରୁନ୍ଧତୀ ପରିଡ଼ା, ପୁରୁଣାବଜାର ଥାନାର ଏଏସ୍‌ଆଇ ଲାଲୁ ହାଁସଦା, ଟ୍ରାଫିକ କନ୍‌ଷ୍ଟେବଲ ମନୁଜାରାଣୀ ଘୋଷ, କନ୍‌ଷ୍ଟେବଲ ରଞ୍ଜନ ତରାଇ, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ଓ ହାବିଲଦାର ଖଗେଶ୍ୱର ଦାସଙ୍କୁ ଏସ୍‌ପି ପୁରସ୍କାର ପ୍ରଦାନ କରିଥିଲେ।

## ରାମନବମୀ ପାଇଁ କ୍ରାଇମ୍‌ବ୍ରାଞ୍ଚ ଡିଜିଙ୍କ ସମୀକ୍ଷା

**ମୁତୟନ ହେବେ ୨୬ ପ୍ଲାଟୁନ୍ ଫୋର୍ସ**

ଭଦ୍ରକ,୧।୪(ସନାତନ ରାଉତ)


ଏସ୍‌ପିଙ୍କ ଅଫିସ୍‌ରେ ଡିଜି ବିନୟତୋଷ ମିଶ୍ର ଓ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ।

ଭଦ୍ରକରେ ରାମନବମୀ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମଙ୍ଗଳବାର ଅପରାହ୍ନ ୫ଟାରେ ଏସ୍‌ପିଙ୍କ ଅଫିସ୍‌ରେ ସ୍ଥିତି ସମୀକ୍ଷା କରିଛନ୍ତି। ଭଦ୍ରକ ଓ ବାଲେଶ୍ୱର ଜିଲାରେ ରାମନବମୀ ପାଳନରେ ଶାନ୍ତିଶୃଙ୍ଖଳା ନେଇ ସ୍ଥିତି ସମୀକ୍ଷା କରିଥିଲେ। ସମୀକ୍ଷା ପରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାନ୍ତିଶୃଙ୍ଖଳା ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ। ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ସହରରେ ୨୬ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ବିଏସ୍‌ଏଫ୍, ସିଆର୍‌ପିଏଫ୍, ରାପିଡ୍ ଆକ୍ସନ ଫୋର୍ସ ସମେତ ୩ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯିବ। ସହରର ବିଭିନ୍ନ ରାସ୍ତା ଓ ସାହିବସ୍ତିରେ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ଓ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯିବ। ୱାରେଣ୍ଟିମାନଙ୍କୁ ଗିରଫ କରାଯିବା ପାଇଁ ପୋଲିସ ପକ୍ଷରୁ ଧରପଗଡ଼ କରାଯିବ। ମୋବାଇଲ ପାଟ୍ରୋଲିଂ କରାଯିବା ସହ ସୋସିଆଲ ମିଡିଆ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଡିଆଇଜି ନାୟକ ସୂଚନା ଦେବା ସହ ମଙ୍ଗଳବାର ସୋସିଆଲ ମିଡିଆ ଅପବ୍ୟବହାର ନେଇ ଏକ ମାମଲା ହୋଇଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ବାଲେଶ୍ୱର ଏସ୍‌ପି ରାଜକୁମାର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ବାଲେଶ୍ୱର ଓ ଭଦ୍ରକ ଜିଲାର ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

## ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ,୧।୪(ରବିନାରାୟଣ ଖିଲାର)

ସାହିତ୍ୟ ସଂସ୍କୃତି ସଙ୍ଗଠନ 'ଆମେ' ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ଟାରେ ୭୫ତମ ଅଧିବେଶନ, ପୁସ୍ତକ 'କୁସୁମାଞ୍ଜଳି' ଲୋକାର୍ପଣ ଓ ସମ୍ବର୍ଦ୍ଧନା ସମାରୋହ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ରାମଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡିସିଓ ପବିତ୍ର ଦାସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଜିଲା କଳାକାର ସଂଘ ଉପସଭାପତି ତ୍ରିଲୋଚନ ପଣ୍ଡା, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ନୀହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ପ୍ରାଧ୍ୟାପିକା ଭାନୁମତି ମାଟିଆ, ଶିକ୍ଷକ ଅଶୋକ ଖିଲାର, କବି ରମେଶ ଦାସ, ଅଧ୍ୟାପିକା ଉଷାଶ୍ରୀ ଜେନା, ପ୍ରଫେସର ଦେବେନ୍ଦ୍ର ନାଥ ଧନୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ତଥା କବି ପୁରୁଷୋତ୍ତମ ଓଝା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ମୁଖ୍ୟ ପ୍ରଫେସର ଅଟଳ ବିହାରୀ ନାୟକ ସଂଯୋଜନା କରିଥିବା ବେଳେ ସମ୍ପାଦକ ପ୍ରଭାକର ପରିଡ଼ା ସମ୍ପାଦକୀୟ ପାଠ ଓ ସହସମ୍ପାଦକ ଅମିତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୨୫ରୁ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ

ସାବରଙ୍ଗ/ବାସୁଦେବପୁର, ୧।୪ (କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନବନିର୍ମାଣ ସେନା କର୍ମକର୍ତ୍ତା।

ବାସୁଦେବପୁର ନବନିର୍ମାଣ ସେନା ଆନୁକୂଲ୍ୟରେ ଆସନ୍ତା ୨୫ ତାରିଖଠାରୁ ୭ମ ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ଆରମ୍ଭ ହେବ। ୧୦ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ସ୍ନେହା ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବରେ ୨ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲାଯିବ। କଳା, ସାହିତ୍ୟ, ସଂସ୍କୃତି ଓ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ସ୍ମରଣିକା ଉନ୍ମୋଚନ କରାଯିବ ବୋଲି ସେନାର ସଭାପତି ଜୟପ୍ରକାଶ ମଲ୍ଲିକ କହିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ଗଗନ ବିହାରୀ ସେଠୀ, ଡା. ନିରଦ କୁମାର ଦାଶ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼, ସଭ୍ୟ ପ୍ରଭାତ ନାୟକ ଓ ଅଲେଖ ଚନ୍ଦ୍ର ପରିଡ଼ା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବୈତରଣୀରେ ଆଡ଼ିବନ୍ଧ ନିର୍ମାଣକୁ ବିରୋଧ

ଧାମନଗର,୧।୪(ଦେବେନ୍ଦ୍ର ଆନ୍ଦିଆ)

ବୈତରଣୀ ନଦୀର ଉପରମୁଣ୍ଡରେ ସାମାନ୍ୟ ବର୍ଷା ହେଲେ ଧାମନଗର ଅଞ୍ଚଳରେ ବନ୍ୟା ହୋଇଥାଏ। ଯାଜପୁର ଜଳ ସମ୍ପଦ ବିଭାଗ ପକ୍ଷରୁ ବୈତରଣୀ ନଦୀଧାରରେ ଜୟନ୍ତିରା ମହାପାତ୍ର ସାହି ଫୌଦାରୀ ମଠଠାରୁ କୋଟିଲା ବ୍ୟାରେଜ ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣକୁ ଧାମନଗର ବ୍ଲକର ସୋହଡ଼ା ଓ ପଧାନି ପଞ୍ଚାୟତର ଗ୍ରାମବାସୀ ବିରୋଧ କରିଛନ୍ତି। ସୋମବାର ସେମାନେ ଏହି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାର ସମାଧାନ ନ ହେଲେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ମଧ ରହିଛି। ଦଶନ୍ଧିକୁଳ ଗ୍ରାମର କେତେଜଣ ଲୋକ ଏହି କାମକୁ ବିରୋଧ କରିବାରୁ ଜୟନ୍ତିରା ଗ୍ରାମର ଲୋକ ଓ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

ପ୍ରକାଶ ଯେ, ଯାଜପୁର ଜିଲା ଦଶରଥପୁର ବ୍ଲକର ଏହି ସ୍ଥାନରେ ବୈତରଣୀ ନଦୀବନ୍ଧ କ୍ୟାପିଟାଲ ଏମ୍ବାକମେଣ୍ଟ ୨୪ ଫୁଟ୍ ଚଉଡ଼ା ରହିଛି। ଅପରପାର୍ଶ୍ୱ ଧାମନଗର ବ୍ଲକର ଦଶନ୍ଧିକୁଳଠାରେ ବୈତରଣୀ ନଦୀବନ୍ଧ ୧୭ ଫୁଟ ରହିବା ସହ ୩ ମିଟର ଉଚ୍ଚତା କାମ ରହିଛି। ଆଡ଼ିବନ୍ଧ ହେବା ଦ୍ୱାରା ଭଦ୍ରକ ଜିଲାର ଧାମନଗର ବ୍ଲକ ପାଇଁ ବିପଦ ସାଜିଛି। ଦଶନ୍ଧିକୁଳ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ ହେଉଥିବା ଆଡ଼ିବନ୍ଧ ଜାଗା ସେମାନଙ୍କ ବ୍ୟକ୍ତିଗତ ଜାଗା। ସେମାନଙ୍କ ଜାଗା ଉପରେ ଜମିରୁ ମାଟି ଉଠାଇ ସେମାନଙ୍କୁ ନ ପଚାରି ମନମୁଖୀ ଭାବେ ଆଡ଼ିବନ୍ଧ ନିର୍ମାଣ କରାଯାଉଛି। ନଦୀର ତଳ ମୁଣ୍ଡ ଅର୍ଥାତ୍ କୋଟିଲା ମୁହାଣଠାରେ ଏକ ବ୍ୟାରେଜ କାମ ଚାଲିଛି। ବ୍ୟାରେଜ ହେଲେ ଉପରମୁଣ୍ଡରେ ବ୍ୟାରେଜ ପାଣି ମହଜୁଦ ରହିବ ଏବଂ ଚାଷ ହୋଇପାରିବ। ଉପରମୁଣ୍ଡ ନଦୀ ଧାରଠାରୁ ନଦୀବନ୍ଧର ଦୂରତା ପାଖାପାଖି ୮୦୦ ମିଟର ହେବ। ନଦୀ ଧାରଠାରୁ କଣ୍ଠିଆ ଅଞ୍ଚଳ ବିସ୍ତୀର୍ଣ୍ଣ ହୋଇଥିବାରୁ ଏଠାରେ ବ୍ୟାରେଜ ପାଣି ମହଜୁଦ ରହିବା ପାଇଁ ବ୍ୟାରେଜ ନିର୍ମାଣ ଚାଲିଛି। ଯାଜପୁର ଜିଲା ଜୟନ୍ତିରା ଗ୍ରାମ ମହାପାତ୍ର ସାହିର ୧୦ ଘର କଣ୍ଠିଆରେ ରହିଥିବାରୁ ତାଙ୍କୁ ସୁରକ୍ଷା ଦେବା ଆଳରେ ବିଭାଗ ଏହି ଯୋଜନା କରିଛି। ଜୟନ୍ତିରା ମହାପାତ୍ରସାହିକୁ ସୁରକ୍ଷା ପାଇଁ ଗ୍ରାମକୁ ରିଙ୍ଗ୍‌ବନ୍ଧ କରାଯାଇ ସୁରକ୍ଷା ଦିଆଯାଇ ପାରିବ। ବିଭାଗ ଏହା ନ କରି ନଦୀକୂଳରେ ଆଡ଼ିବନ୍ଧ ନିର୍ମାଣ କରିବା ଧାମନଗରବାସୀଙ୍କ ପାଇଁ ବିପଦ ସାଜିଛି। ନିର୍ମାଣାଧୀନ ବେଆଇନ ଆଡ଼ିବନ୍ଧ ବନ୍ଦ କରା ନ ଗଲେ ଜନଆନ୍ଦୋଳନ କରାଯିବ ବୋଲି ପଧାନି ପଞ୍ଚାୟତ ସରପଞ୍ଚ ଅଶୋକ ପୁହାଣ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନୋଦ ନାୟକ, ବିଜୟ ଦାସ, ଧୀରେନ୍ଦ୍ର ରାଉତ, ପ୍ରଶାନ୍ତ ରାଉତ, ସତ୍ୟପ୍ରକାଶ ନାୟକ, ବିରଞ୍ଚି ମହାଳିକ, ପୀତାମ୍ବର ରାଉତ, ଅନିରୁଦ୍ଧ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।


ବୈତରଣୀ ନଦୀ ଧାରରେ ନିର୍ମାଣାଧୀନ ଆଡ଼ିବନ୍ଧ।

**ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ**

## ଡାଲଚିନ୍ ଭଦ୍ରକ ଚାମ୍ପିୟନ

ବନ୍ତ,୧।୪(ହରିନାରାୟଣ ମହାନ୍ତି)


ଅତିଥିଙ୍କ ସହ ଚାମ୍ପିୟନ ଟିମ୍ ଓ କମିଟି କର୍ମକର୍ତ୍ତା।

ବନ୍ତ ବ୍ଲକର ଟିଲୋ ତେଲିସାହି ଛକସ୍ଥିତ ହନୁମାନ ପଡ଼ିଆରେ ସୋମବାର ରାଜ୍ୟସ୍ତରୀୟ ପ୍ରଦୀପ ନାୟକ ମେମୋରିଆଲ ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଟିଲୋ କପ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାଲଚିନ୍ ଭଦ୍ରକ ଚାମ୍ପିୟନ ଓ ଜେଭିସି ମୟୂରଭଞ୍ଜ ରନର୍ସଅପ୍ ହୋଇଛି। ୪ ଦଳ ଏପି ସିକ୍ସର ଯାଜପୁର, ବ୍ଲୁ ଡାଇମଣ୍ଡ ବାଲେଶ୍ୱର, ଜେଭିସି ମୟୂରଭଞ୍ଜ ଓ ଡାଲଚିନ ଭଦ୍ରକ ଏଥିରେ ଅଂଶଗ୍ରହଣ କରିଥିଲା। ରେଫରୀ ଭାବେ ସଞ୍ଜୟ ବଳ, ଜ୍ୟୋତି ପ୍ରକାଶ, ଅମୂଲ୍ୟ କୁମାର ପରିଡ଼ା, ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର ଓ ସେକ୍ ଆଖାରୁଦ୍ଦିନ ଦାୟିତ୍ୱ ତୁଲାଇଥିଲେ।

ଇଂ. ସୁଧାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ବେଳେ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା ଓ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ବିଜୟ ନାୟକ ଓ ସମ୍ପାଦକ ସୁଧୀର ନାୟକ ଉଦ୍‌ଘାଟନୀ ସଭା ପରିଚାଳନା କରିଥିଲେ। ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଓ ଡା.ମୁରଲୀଧର ସୂତାର ସଭାରେ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ସାମାଜିକ କର୍ମୀ ଉତ୍କଳ କେଶରୀ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ସୁଧୀର ନାୟକଙ୍କ ବାପା ସ୍ୱର୍ଗତ କୃପାସିନ୍ଧୁ ନାୟକଙ୍କ ସ୍ମୃତିରେ ଚାମ୍ପିୟନ ଟ୍ରଫି ସହ ପୁରସ୍କାର ରାଶି ଏବଂ ବିଜୟ ନାୟକଙ୍କ ବାପା ସ୍ୱର୍ଗତ ଶିକ୍ଷାବିତ୍ କପିଳେଶ୍ୱର ନାୟକଙ୍କ ସ୍ମୃତିରେ ରନର୍ସଅପ୍ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି କୋଷାଧ୍ୟକ୍ଷ ଖଗେଶ୍ୱର ବରାଳଙ୍କ ମା' ସ୍ୱର୍ଗତ ଶକୁନ୍ତଳା ବରାଳଙ୍କ ସ୍ମୃତିରେ ବେଷ୍ଟ ଲିବେରୋ ଏବଂ ସ୍ୱର୍ଗତ ମାଧବାନନ୍ଦ ଧଳ, ସ୍ୱର୍ଗତ ଗଣେଶ ପ୍ରସାଦ ରାଜ, ସ୍ୱର୍ଗତ ସୁରେଶ ରାଜଙ୍କ ସ୍ମୃତିରେ ବେଷ୍ଟ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟି ଉପସଭାପତି ସୁଧାଂଶୁ ବେହେରାଙ୍କ ସମେତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦୁଝର

### ସଂକ୍ଷେପରେ

## ସାପ କାମୁଡ଼ାରେ ଛାତ୍ରୀ ମୃତ

ଯୋଡ଼ା,୧।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଜୁଗୁଡ଼ିଧର ଗାଁରେ ସାପ କାମୁଡ଼ାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶମ୍ଭୁ ଲାଗୁରୀଙ୍କ ସାତ ବର୍ଷର ଝିଅ ସୋନାଲି। ସୋମବାର ମଧ୍ୟାହ୍ନ ୧୨ଟା ବେଳେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜାଳେଣି ସଂଗ୍ରହ ବେଳେ ଗଛଡାଳ ପଡ଼ି ଯୁବକ ମୃତ

ପାଟଣା,୧।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମୂଷାଖୋରି ଗ୍ରାମ ବଡ଼ସାହିର ଜଣେ ବିବାହିତ ଯୁବକ ମଙ୍ଗଳବାର ପୂର୍ବାହ୍ନରେ ଜଙ୍ଗଲରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଗଛଡାଳ ପଡ଼ି ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବର୍ଦ୍ଧନ ଦାସ। ସୂଚନା ଅନୁଯାୟୀ, ସେ ଘର ପାଖ କାଶିଆ ଜଙ୍ଗଲକୁ ଜାଳକାଠ ସଂଗ୍ରହ କରିବାକୁ ଯାଇଥିଲେ। ଗଛରେ ଚଢ଼ି ଡାଳ କାଟୁ ଥିବାବେଳେ ତାଙ୍କ ମୁଣ୍ଡ ଉପରେ ଆଉ ଏକ ଡାଳ ଖସି ପଡ଼ିବାରୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଜଣାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋବର୍ଦ୍ଧନ ଟ୍ରାଇବାଲ୍ ଡେଭେଲପମେଣ୍ଟ କର୍ପୋରେଶନ ଢେଙ୍କିକୋଟରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ପାଟଣା ଥାନା ଏଏସ୍‌ଆଇ ଗୌରହରି ଗରଡିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୫) ରୁଜୁ ହୋଇଛି।

# ପାନୀୟ ଜଳ ସମସ୍ୟା ଅସହ୍ୟ

ଚମ୍ପୁଆ, ୧।୪ (ମହେଶ୍ୱର ଦାସ)


ମହିଳାମାନେ ଗରା, ବାଲ୍‌ଟି ଧରି ପାଣି ଆଣିବାକୁ ଯାଉଛନ୍ତି।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ସୁନାପୋଶି ପଞ୍ଚାୟତ ସରାସପୋଷି ଗ୍ରାମର ନୂଆସାହି ଓ ହୁଡି ସାହି ବାସିନ୍ଦା ଦୀର୍ଘଦିନ ହେଲା ପାନୀୟଜଳ ସମସ୍ୟାରେ ଘାଣ୍ଟି ହେଉଛନ୍ତି।

ପ୍ରାୟ ୨ବର୍ଷ ହେଲା ଉକ୍ତ ସାହି ନିକଟରୁ ଦେଢ କି.ମି ଦୂର ମିରିଗିଙ୍ଗାର ମେଗା ପାନୀୟ ଜଳ ପ୍ରକଳ୍ପରୁ ଜିଲାବାସୀ ପାଣି ପାଉଥିବା ବେଳେ ଦୀପ ତଳ ଅନ୍ଧାର ଭଳି ଉକ୍ତ ୨ ସାହିର ପ୍ରାୟ ୪ଶହ ଲୋକ ଆଜି ପର୍ଯ୍ୟନ୍ତ ସେଥିରୁ ବଞ୍ଚିତ ଅଛନ୍ତି। ଏହି ସାହି ବାସିନ୍ଦାଙ୍କ ଜମିରେ ମେଗା ଜଳ ପ୍ରକଳ୍ପ ପକ୍ଷରୁ ମୋଟା ପାଇପ ମାଧ୍ୟମରେ ଅନ୍ୟ ଅଞ୍ଚଳକୁ ଜଳଯୋଗାଣ କରାଯାଉଛି। ମାତ୍ର ଏହି ସାହି ରାସ୍ତାରେ ମେଗା ପ୍ରକଳ୍ପ ପକ୍ଷରୁ ବିଛାଯାଇଥିବା ପାଇପରେ ପାଣି ଆସୁନାହିଁ। ଘର ଆଗରେ ଷ୍ଟାଣ୍ଡପୋଷ୍ଟ ବିଭାଗର ପାରିବାପଣିଆକୁ ଉପହାସ କରୁଛି। ସୂଚନା ଅନୁସାରେ ଏହି ନୂଆସାହି ଓ ହୁଡିସାହିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଘର ଥିବା ବେଳେ ୪ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଆସୁଛନ୍ତି। ମିରିଗିଙ୍ଗାଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନା ମାଧ୍ୟମରେ ସମସ୍ତଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା ନିମନ୍ତେ ୧୨.୫୦ ଏମ୍‌ଏଲ୍‌ଡି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପରୁ ଚମ୍ପୁଆ, ଝୁମ୍ପୁରା ଓ କେନ୍ଦୁଝର ବ୍ଲକର ୯୧ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏପରିକି ଏହି ଯୋଗାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ପ୍ରକଳ୍ପଠାରୁ ଅନତି ଦୂରରେ ଥିବା ୨ ସାହି ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ପରିତାପର ବିଷୟ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗାଁରେ ଥିବା ୩ଟି ନଳକୂପରୁ ୨ଟି ବ୍ୟବହାର ଯୋଗ୍ୟ ହୋଇ ନ ଥିବା ବେଳେ ଗୋଟିଏରୁ ମିଳୁଥିବା ଜଳ ଗ୍ରାମବାସୀଙ୍କ ଅଭାବ ପୂରଣ କରିପାରୁନାହିଁ। ପୂର୍ବରୁ ସ୍ୱଜଳ ଧାରା ମାଧ୍ୟମରେ ଏହି ଗାଁକୁ ଯାଉଥିବା ପାଣି ପାଇପଗୁଡ଼ିକ ପ୍ରକଳ୍ପ ପାଇପ ବିଛାଇବାରୁ ନଷ୍ଟ ହୋଇଯାଇଛି। ସ୍ୱଜଳ ଧାରାରୁ ଯେନତେନ ପ୍ରକାରେ ପାନୀୟ ଜଳ ମିଳୁଥିଲା, ମାତ୍ର ବସୁଧା ପ୍ରକଳ୍ପରୁ ପାନୀୟ ଜଳ ମିଳୁ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହିତ ସରକାରଙ୍କୁ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଯନ୍ତ୍ରୀ କରନ ସୋରେନଙ୍କୁ ପଚାରିବାରୁ ସେ କହିଛନ୍ତି, ଉପରୋକ୍ତ ୨ ସାହି ଉପରମୁଣ୍ଡରେ ରହୁଥିବାରୁ ପାନୀୟ ଜଳ ଯୋଗାଣ ସମୟରେ ଜଳ ଉପରକୁ ଯାଉନାହିଁ। ତେଣୁ ଖୁବ୍‌ଶୀଘ୍ର ୨ ଗୋଟି ଭାଲ୍‌ଭ ଲଗାଯାଇ ପାନୀୟ ଜଳ ସମସ୍ୟାକୁ ଦୂରୀଭୂତ କରାଯିବ ବୋଲି କହିଛନ୍ତି।

## ବିଶ୍ୱବିଦ୍ୟାଳୟରେ ପାଳିଲେ ଓଡ଼ିଶା ଦିବସ

କେନ୍ଦୁଝର, ୧।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଓଡ଼ିଶା ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରି ମଣିଷ ନିଜ ଭାବନା ଦ୍ୱାରା ଭାଷା ପରିପ୍ରକାଶ କରିଥାଏ ଏବଂ ଏହି ଭାବନା ସତଃ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଓଡ଼ିଆ ଭାଷା ଓ ସଂସ୍କୃତି ଆଜି କିପରି ବିଶ୍ୱସ୍ତରୀୟ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ କହିଥିଲେ। କୁଳପତି ସଚିବ ଡ. ଶଶିକାନ୍ତ ଜେନା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ମାନ୍ୟତା, ଏଥିରେ ମଧୁବାବୁଙ୍କ ଭୂମିକା ଓ ଉତ୍କଳ ସମିତିରୁ ଉତ୍କଳ ସମ୍ମିଳନୀ ପର୍ଯ୍ୟନ୍ତ ସଂଘର୍ଷମୟ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭକ୍ତବତ୍ସଳ ମହାନ୍ତି ଓଡ଼ିଆ ଭାଷା ଓ ସଂସ୍କୃତି ଆଜି କିପରି ଅବକ୍ଷୟ ଆଡ଼କୁ ଗତି କରିଛି, ସେ ସମ୍ପର୍କରେ ମତ ରଖିଥିଲେ। କେବଳ ଭାଷା ନୁହେଁ ସାମାଜିକ ଜୀବନରେ ଚାଲିଚଳଣିଠାରୁ ଆରମ୍ଭ କରି ଖାଦ୍ୟପେୟ ଯାଏ ଧୀରେ ଧୀରେ ପାଶ୍ଚାତ୍ୟ ଅଭିମୁଖୀ ହେବାକୁ ଲାଗୁଛି, ଯାହା ଓଡ଼ିଆ ଭାଷା ଏବଂ ଓଡ଼ିଶା ପାଇଁ ଏକ ସଙ୍କଟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବ ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିପାଇଁ ସଂସ୍କୃତି ବଞ୍ଚି ରହିଲେ ଭାଷା ବଞ୍ଚି ରହିବ ଏବଂ ଭାଷା ବଞ୍ଚିଲେ ଏ ଜାତି ସୁରକ୍ଷିତ ହେବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବାୟୁସେନା ଅଧିକାରୀ ନାରାୟଣ ସାହୁ କହିଥିଲେ, ଓଡ଼ିଶା ଦିବସ ଆମ ଭିତରେ ଏକତାର ଏପରି ବନ୍ଧନ ସୃଷ୍ଟି କରୁ ଯାହାକୁ ମିଳିମିଶି ଶୃଙ୍ଖଳିତ ଭାବେ ବନ୍ଧନରେ ବାନ୍ଧି ପାରିବା। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସୁମନ୍ତ୍ର ନାଏକ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ଶୁଭସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆଙ୍କ ସହ ବିଭିନ୍ନ ଭାଷାଭାଷୀ ପାଳିଲେ ଓଡ଼ିଶା ଦିବସ



ବଡବିଲ ସହର ପରିକ୍ରମା ବେଳେ କଳାକାରମାନଙ୍କ ଦ୍ୱାରା ଶୋଭାଯାତ୍ରାରେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ।

ବଡବିଲ, ୧।୪(ଦେବପ୍ରିୟ ରଣା)

ରାଜ୍ୟ ସୀମାନ୍ତ କେନ୍ଦୁଝର ଜିଲା ବଡବିଲରେ ଜାକଜମକରେ ପାଳିତ ହୋଇଛି ଓଡ଼ିଶା ଦିବସ। ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବିକାଶ ମହଲଠାରେ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଜାତୀୟ ପତାକା ଉତ୍ତୋଳନ କରି ଓଡିଶା ଦିବସର ଶୁଭେଚ୍ଛା ଜଣାଇଥିଲେ। ପୂର୍ବାହ୍ନ ୧୧ଟା ୩୦ରେ ବିକାଶ ମହଲ ସଭାଗୃହରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହରିହର ମନ୍ଦିର ନିକଟରୁ ଓଡ଼ିଶା ଦିବସ ଉପଲକ୍ଷେ ପ୍ରସ୍ତୁତ ଶୋଭାଯାତ୍ରାକୁ ପୌରାଧ୍ୟକ୍ଷ ଲକ୍ଷ୍ମଣ, ପୌର ନିର୍ବାହୀଅଧିକାରୀ ରମେଶ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଏବଂ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ବାଘ, ଘୋଡା ଓ ଷଣ୍ଢ ନୃତ୍ୟ ସହ ନାଗା, ନାଗାର୍ଜୁନ, ନୃସିଂହ ମେଢ, ଦୁର୍ଗା ମେଢ ସହିତ ଓଡିଆଙ୍କ ସହିତ ବିଭିନ୍ନ ଭାଷାଭାଷୀ ସାମିଲ ହୋଇଥିଲେ। ଶୋଭାଯାତ୍ରାର ସମ୍ମୁଖରେ ଓଡିଶାର ବରପୁତ୍ରମାନଙ୍କ ଫଟୋ ଚିତ୍ରିଥିବା ଏକ ରଥ ଚାଲିଥିବା ବେଳେ ଏହା ହରିହର ମନ୍ଦିରଠାରୁ ବାହାରି ଡାକବଙ୍ଗଳା ଛକ, ଅଟଳ ଛକ, ବାଟା ଛକ, ଜଗନ୍ନାଥ ମନ୍ଦିର, ମହାନ୍ତ ବସ୍ତି ଦେଇ ସହର ପରିକ୍ରମା କରି ବିକାଶ ମହଲଠାରେ ପହଞ୍ଚିବ ବୋଲି ଜଣାପଡିଛି। ସ୍ଥାନେ ସ୍ଥାନେ ଶୋଭାଯାତ୍ରାକୁ ସ୍ୱାଗତ କରିବାକୁ ଅନେକ ସଙ୍ଗଠନ ପକ୍ଷରୁ ଚା, ସରବତ, ତରଭୁଜ ଆଦି ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିକାଶ ମହଲଠାରେ ପିଠା ପ୍ରଦର୍ଶନୀ ସହ ପ୍ରତିଯୋଗିତା, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୮ ଗୋରୁ ଉଦ୍ଧାର, ୩ ଯୁବକ ଅଟକ

ଆନନ୍ଦପୁର,୧।୪ (ସୁଶାନ୍ତ କୁମାର ସାହୁ)

ରାମଚନ୍ଦ୍ରପୁର ପୋଲିସ ଗୋରୁ ବୋଝେଇ ୨ଟି ଗାଡ଼ି ଜବତ କରିବା ସହ ୮ ଗୋରୁ ଜବତ କରିଛି। ଏହି ଘଟଣାରେ ୩ ଯୁବକ ଥାନାରେ ଅଟକ ଅଛନ୍ତି। ଯାଜପୁର ପାଣିକୋଇଲି ଅଞ୍ଚଳରୁ ୨ଟି ଡାଲା ଅଟୋରେ ଗୋରୁ ବୋଝେଇ ହୋଇ ୨୦ନଂ. ଜାତୀୟ ରାଜପଥ ଦେଇ ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳକୁ ମଙ୍ଗଳବାର ସକାଳେ ଚାଲାଣ ହେଉଥିଲା। ବିଶେଷସୂତ୍ରରୁ ଖବରପାଇ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଯୋଗେନ୍ଦ୍ର କାନ୍ଦୁଲକର ପୋଲିସ କର୍ମଚାରୀଙ୍କ ସହ ରାମଚନ୍ଦ୍ରପୁର ବଜାର ନିକଟରେ ଗୋରୁ ବୋଝେଇ ଗାଡ଼ି ଦୁଇଟିକୁ ଜବତ କରିଥିଲେ। ଉଦ୍ଧାର ଗୋରୁଗଡ଼ିକ ପାଇଁ ବଜରଙ୍ଗ ଦଳ ପକ୍ଷରୁ ଗୋଖାଦ୍ୟ ଏବଂ ଆବଶ୍ୟକ ନଡ଼ା ଯୋଗାଇ ଦିଆଯାଇଥିଲା। ପରେ କେନ୍ଦୁଝର ଗୋଶାଳାକୁ ସମସ୍ତ ଗୋରୁଙ୍କୁ ସ୍ଥାନାନ୍ତର କରାଯାଇଛି।

## ଓ. ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଶିଷ୍ଟ ଶିଳ୍ପପତି ଏବଂ ଓ. ପି. ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଓମ୍ ପ୍ରକାଶ ଜିନ୍ଦଲଙ୍କ ବିଂଶତମ ପୁଣ୍ୟତିଥି ଜିନ୍ଦଲ ଷ୍ଟିଲର ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସରେ ପାଳିତ ହୋଇଯାଇଛି।

ଏନେଇ ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳରେ ଆଧ୍ୟାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲୋନୀ ପରିସର ମନ୍ଦିରରେ ପୂଜା ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍‌ସା ମାଇନ୍ସ ୟୁନିଟ ହେଡ୍‌ରଘୁରାଜ ରଘୁବଂଶୀ ଓ ଏଚ୍‌ଆର ଆଣ୍ଡ ଇଏସ୍ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିନ୍ଦଲ ନଗରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### ସ୍ମୃତିରେ ରକ୍ତଦାନ ଶିବିର

ସମସ୍ତ ୩ଟି ୟୁନିଟରେ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ପେଲେଟ ପ୍ଲାଣ୍ଟ ଓ କାଶିଆ ମାଇନ୍ସରେ କେନ୍ଦୁଝର ଓ ଟେନସା ମାଇନ୍ସରେ ସୁନ୍ଦରଗଡ଼ ଜିଲା ବ୍ଲଡବ୍ୟାଙ୍କ ସହାୟତାରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୩୦୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିନ୍ଦଲ ଷ୍ଟିଲର ଭୁବନେଶ୍ୱର କାର୍ଯ୍ୟାଳୟରେ ମଧ୍ୟ ଓପିଜିନ୍ଦଲଙ୍କୁ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମୟୂରଭଞ୍ଜ

## ଚାଉଳ ସହ ଲୁଟି ନେଲେ ୭ ପଙ୍ଖା

### ବିଦ୍ୟାଳୟରୁ ଚୋରି

ଉଦଳା,୧।୪(ସନ୍ତୋଷ କୁମାର ବାଛିନୀ)

ସ୍କୁଲ ଛୁଟି ଥିବାର ସୁଯୋଗ ନେଇ ବିଦ୍ୟାଳୟରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। କପ୍ତିପଦା ଥାନା ଜାରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ମଙ୍ଗଳବାର ସକାଳେ ଉତ୍କଳ ଦିବସ ପାଳନ ପାଇଁ ଶିକ୍ଷକ ଏବଂ ଛାତ୍ରୀଛାତ୍ର ପହଞ୍ଚିବା ପରେ ବିଦ୍ୟାଳୟର କାର୍ଯ୍ୟାଳୟ, ଶ୍ରେଣୀ ଗୃହ ଏବଂ ଷ୍ଟୋର ରୁମ୍ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଲୁଟେରାମାନେ ବିଦ୍ୟାଳୟ ଶ୍ରେଣୀ ଗୃହଗୁଡ଼ିକରେ ଲାଗିଥିବା ୭ଟି ପଙ୍ଖା, ଇନଭର୍ଟର, ଅଫିସ କାଗଜପତ୍ର ସହିତ ୪ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଲୁଟି ନେଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୋଲିସ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟାଳୟର ବାର୍ଷିକୋତ୍ସବ

ମୋରଡ଼ା,୧।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଭୈରବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜିତାଞ୍ଜଳି ପରମାଣିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମିନାକ୍ଷୀ ସୋରେନ, ସମ୍ମାନିତ ଅତିଥି ୱାର୍ଡ ସଭ୍ୟ ତଥା ପରିଚାଳନା କମିଟିର ସଦସ୍ୟ ଭିପି ମହାନ୍ତ, ସାମ୍ବାଦିକ ରବୀନ୍ଦ୍ର କୁମାର ମହାନ୍ତ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ୬୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନ୍ମଥ ତୁଙ୍ଗ, ଧ୍ରୁବେନ୍ଦ୍ର ତିପିରିଆ, ସୁଜାତା ସାହୁ, ଶର୍ମିଷ୍ଠା ସୋରେନ,ସୁବର୍ଣ୍ଣ ମହାନ୍ତ ସହଯୋଗ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବୈଶିଙ୍ଗା ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

ବୈଶିଙ୍ଗା,୧।୪(ରତନ ଦାଶ)


ବୈଶିଙ୍ଗା ବସ୍‌ଷ୍ଟାଣ୍ଡରେ ଆରମ୍ଭ ହୋଇଥିବା ଜଳଛତ୍ର।

ବୈଶିଙ୍ଗା ଥାନା ପୋଲିସ ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ପ୍ରଚଣ୍ଡ ଗରମ ସହିତ ଗୁଳୁଗୁଳି ଯୋଗୁ ବସ୍‌ଷ୍ଟାଣ୍ଡରେ ବସ୍ ପାଇଁ ଅପେକ୍ଷା କରୁଥିବା ଯାତ୍ରୀ ଏବଂ ବଜାର ଅଞ୍ଚଳରେ ଥିବା ଦୋକାନୀମାନଙ୍କୁ ପିଇବା ପାଣିର ଘୋର ଆବଶ୍ୟକତା ଥାଏ। ଥାନାଧିକାରୀ ବାରିଣୀ ଦାସଙ୍କ ସଞ୍ଚାଳନରେ ଆୟୋଜିତ ସମାବେଶରେ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ବରିଷ୍ଠ ନାଗରିକ ସଂଘର ସଭାପତି ସୀତାନାଥ ବେହେରା ଓ ସମ୍ପାଦକ ଅଶ୍ୱିନୀ ମହାରଣା, ସୁବାସ ଚନ୍ଦ୍ର ପଣ୍ଡା, ବୃନ୍ଦାବନ ଦାସ, ଅମୂଲ୍ୟ କୁମାର ପାଣିଗ୍ରାହୀ, ବିମଳେନ୍ଦୁ ମହାପାତ୍ର , ଚିନ୍ମୟ ପଣ୍ଡା, ରବିନାରାୟଣ ପଣ୍ଡା ,ହରିଶ ଚନ୍ଦ୍ର ରାଉତଙ୍କ ସମେତ ଥାନା ଏଏସ୍‌ଆଇ ଦେବାଶିଷ ମଣ୍ଡଳ, ଏସ୍‌ଆଇ ଭାବଗ୍ରାହୀ ମହାନ୍ତ, ଶୁଭ୍ରାଂଶୁ ଶେଖର ରାଉଳ ଓ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପ୍ରବେଶ ଉତ୍ସବ

ବାରିପଦା,୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ ଓ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ପରିଚାଳିତ ହୋଇଥିଲା। ଓଡ଼ିଶା ଦିବସ ପାଳନରେ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ଗୁରୁମା ସସ୍ମିତା ଭୂୟାଁ ଶିଶୁ ଭଉଣୀଭାଇମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ପ୍ରବେଶ ଉତ୍ସବରେ ହୋମଯଜ୍ଞ କରି ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି ଅବସରରେ ଜଳଛତ୍ର ଖୋଲାଯାଇ ବାଟୋଇମାନଙ୍କୁ ସରବତ ପ୍ରଦାନ କରାଯାଇଥିଲା। ଶେଷରେ ବାର୍ଷିକ ପରୀକ୍ଷାର ଫଳାଫଳ ପ୍ରକାଶ କରାଯାଇ ନୋଟିସ ବୋର୍ଡରେ ସ୍ଥାନିତ କରାଯାଇଥିଲା।

## କାଠ ବୋଝେଇ ଗାଡ଼ି ଜବତ


ବନ କର୍ମଚାରୀମାନେ ଜବତ କରିଥିବା ପିକ୍‌ଅପ୍ ଭ୍ୟାନ୍।

ଠାକୁରମୁଣ୍ଡା,୧।୪(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବଜାର ନିକଟ ରୁଗୁଡ଼ିବେଡ଼ା ଗ୍ରାମ ନିକଟରୁ ମଙ୍ଗଳବାର ସକାଳ ୯ଟା ସମୟରେ ବନ ବିଭାଗ ଏକ କାଠ ବୋଝେଇ ଗାଡ଼ି ଜବତ କରିଛି। ସୂଚନା ଅନୁଯାୟୀ, କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାରେ ଏକ ଚୋରା ଚୌକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଠାକୁରମୁଣ୍ଡା ଆଡ଼କୁ ଆସୁଥିବା ଖବର ମିଳିଥିଲା। ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର ଚନ୍ଦ୍ରଭାନୁ ମହାନ୍ତ, ବିଦ୍ୟାଧର ମହାନ୍ତଙ୍କ ସମେତ ବନ କର୍ମଚାରୀମାନେ ଆସୁଥିବା ଭ୍ୟାନକୁ ରୁଗୁଡିବେଡ଼ା ନିକଟରେ ଅଟକାଇ ଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ଡ୍ରାଇଭର ସମେତ କାଠ ବେପାରୀ ଗାଡ଼ି ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। ବନ କର୍ମଚାରୀମାନେ କାଠ ବୋଝେଇ ଗାଡ଼ିକୁ ଜବତ କରି ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଭ୍ୟାନ୍‌ରେ ୩୪ ଖଣ୍ଡ ଶାଳ ଚୌକାଠ ଥିବା ଜଣାପଡ଼ିଛି। ଏନେଇ ଏକ ମାମଲା(ନଂ.୧/୨୫) ରୁଜୁ ହୋଇଛି।

# ‘ନୈତିକ ଦାୟିତ୍ୱ ସମ୍ପାଦନ ଦ୍ୱାରା ଉତ୍କଳମାତାର ସେବା ସମ୍ଭବ’

### ସ୍ୱତନ୍ତ୍ର ଓଡ଼ିଶା ଦିବସ ସମାରୋହ


ସମାରୋହରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୯୦ତମ ସ୍ୱତନ୍ତ୍ର ଓଡ଼ିଶା ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ‘ସ୍ୱତନ୍ତ୍ର ଓଡ଼ିଶା ଦିବସର ଅନୁଚିନ୍ତା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରିମାମୟ ଉତ୍କଳର ସ୍ମୃତିଚାରଣ କରିବା ସହିତ ଆମର ପୂର୍ବପୁରୁଷମାନଙ୍କ ଅବଦାନକୁ ମନେ ପକାଇଥିଲେ। ନିଜର ନୈତିକ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିବାଦ୍ୱାରା ଆମେ ଉତ୍କଳମାତାର ଯଥାର୍ଥ ସେବା କରିପାରିବା ବୋଲି ସେ ବ୍ୟକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତୀୟ ସନ୍ଥ ସମାଜର ସଦସ୍ୟ ସନ୍ଥ ସୁଜାତାନନ୍ଦ ଦାସମହାରାଜ ଯୋଗଦେଇ ସାରଗର୍ଭକ ଅଭିଭାଷଣ ରଖିଥିଲେ। ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଏହି ସ୍ମରଣୀୟ ଦିବସରେ ଆମର ନୈତିକ ଦାୟିତ୍ୱ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି ପ୍ରଫେସର ବଭ୍ରୁବାହନ ମହାପାତ୍ର ଏହି ସମାରୋହରେ ସଭାପତିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ଓ ବିଭାଗ ସହକାରୀ ପ୍ରଫେସର ଡ.ବିଚିତ୍ରନାଥ ସାହୁ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଏହି ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ,ତର୍କ,ଶାସ୍ତ୍ରୀୟ ସଂଗୀତ ଗାନ ଓ ନୃତ୍ୟ ପ୍ରତିଯୋଗିତାକୁ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପ-ସଭାପତି ପ୍ରାଣୀ ବିଜ୍ଞାନ ବିଭାଗ ପ୍ରଫେସର ପୁଷ୍ପାଞ୍ଜଳି ପରି ଏବଂ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ବିନ୍ଧେଶ୍ୱରୀ କଳିଆ, ହୃଷିକେଶ ମହାନ୍ତ ଓ ରାଜ କୁମାର ପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଓ ବିଭାଗ ଗବେଷକ ଓ ଗବେଷିକାଙ୍କ ଦ୍ୱାରା ଲିଖିତ ବିଭାଗୀୟ ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କ ଦ୍ୱାରା ସଂକଳିତ ‘ମୁଁ ଯିବି ତୁମରି ପରି’ ପୁସ୍ତକକୁ ମୁଖ୍ୟଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଲୋକାର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବାଙ୍ଗିରିପୋଷି,୧।୪(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ପ୍ରଭାସିନୀ ନନ୍ଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ ଦିବସ ପାଳନ ଅବସରରେ ବିଦ୍ୟାରମ୍ଭ ଯଜ୍ଞ ଓ ପ୍ରଥମ ଦିନୋତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ପ୍ରଣତୀ ଦାସ ମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ। ଆଚାର୍ଯ୍ୟା ମୋନାଲିସା ଦେ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତିର ଉପସଭାପତି କିଶୋରୀ ମୋହନ ବେହେରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ କହିଥିଲେ। ପରେ ବିଦ୍ୟାମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ କରାଯାଇଥିଲା। ଏହା ସହିତ ବିଦ୍ୟାଳୟରେ ପ୍ରଗତି ଉତ୍ସବ ପାଳନ କରାଯାଇ ବାର୍ଷିକ ପରୀକ୍ଷାରେ ଶ୍ରେଣୀର ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମସ୍ତ ଗୁରୁମା, ଗୁରୁଜୀ ଓ ସେବିକାମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯାତ୍ରା ପାଇଁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ସୋର, ୧।୪(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ସାଜନପୁର ପଞ୍ଚାୟତରେ ବାରୁଣୀ ଉପଲକ୍ଷେ ଯାତ୍ରା ହେବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ପଡ଼ିଆରେ ଗୋଟିଏ ଗୋଷ୍ଠୀ ୩୧ରୁ ୨ ତାରିଖ ଓ ଅନ୍ୟ ଗୋଷ୍ଠୀ ୧ରୁ ୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରିବାର ଥିଲା। ଏନେଇ ଗୋଟିଏ ଗୋଷ୍ଠୀ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ଫଳରେ ଅନ୍ୟ ଗୋଷ୍ଠୀକୁ ଯାତ୍ରା ପରିବେଷଣ ପାଇଁ ଅନୁମତି ମିଳି ନ ଥିଲା। ମାତ୍ର ସେମାନେ ଯାତ୍ରା ପରିବେଷଣ ପାଇଁ ଟେଣ୍ଟ ବାନ୍ଧିଥିବା ବେଳେ ସୋର ତହସିଲ ଓ ପୋଲିସ ପକ୍ଷରୁ ଉଚ୍ଛେଦ ପାଇଁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ବିରୋଧ କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ଏପରି ଘଟଣା ଘଟିଥିବା ଜଣାପଡିଥିଲା। ପରେ ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକଙ୍କ ମଧ୍ୟସ୍ଥତାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟ ପକ୍ଷରୁ ବୁଝାମଣା ପରେ ଶେଷରେ ଗୋଟିଏ ଗୋଷ୍ଠୀ ଯାତ୍ରା ପରିବେଷଣ କରିଥିବା ବେଳେ ଅନ୍ୟଟି ବନ୍ଦ କରିଥିଲା।

### ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ବାଲିଆପାଳ,୧।୪(ଗୋପାଳ ଚନ୍ଦ୍ର ସାହୁ)

ବସ୍ତା, ବାଲିଆପାଳ ନିର୍ବାଚନ ମଣ୍ଡଳୀର ବିଧାୟକା ସୁବାସିନୀ ଜେନାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟିକା ଜେନା, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବାଲିଆପାଳ ବ୍ଲକର ବିଶିଷ୍ଟ ବିଜେଡି ନେତା ଚକ୍ରଧର ଗିରି, କୃଷକ ନେତା ଅଜୟ ସାମଲ, ବରିଷ୍ଠ ନେତା ମହେଶ୍ୱର ଜେନା, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ମହାଦେବ ଦାସ, ସରପଞ୍ଚ କସ୍ତୁରୀବାଳା ପାତ୍ର, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା ପ୍ରମୁଖ ଯୋଗଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଗଠନ ସମୟରେ ମହାମନିଷୀମାନଙ୍କ ଭୂମିକାକୁ ମନେ ପକାଇଥିଲେ।

# କଳା, ସଂସ୍କୃତି ପାଇଁ ବିଶ୍ୱରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର

ବାଲେଶ୍ୱର, ୧।୪(ବାଞ୍ଛାନିଧି ଦେ)

**ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ**



କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଧାୟକଙ୍କ ସହ ଅତିଥିଗଣ।

ବାଲେଶ୍ୱର ଜିଲା ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ନୂତନ ଅଡିଟୋରିୟମ ସଭାଗୃହରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ମାନସ ଦତ୍ତ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ବାଲେଶ୍ୱର ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଆମେ ସବୁ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ଭଲ। କିନ୍ତୁ ନିଜ ମାତୃଭାଷା ଓଡ଼ିଆକୁ ଭଲ ପାଇବା ଓ ଏହାର ସୁରକ୍ଷା, ବିକାଶ ଦିଗରେ ଆଗଭର ହେବା ଜରୁରୀ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱତନ୍ତ୍ର ରାଜ୍ୟ ଭାବେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କୁ ସମ୍ବର୍ଦ୍ଧିତ ଓ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଧନ୍ୟବାଦ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ସେଠୀ, ହରିଶଙ୍କର ପ୍ରଧାନ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, କାର୍ତ୍ତିକ ବେହେରା, ମାଳତୀ କିସ୍କୁ ଓ ସୁଚିସ୍ମିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉପାନ୍ତରେ ମା, ମାଟି, ମାତୃଭାଷା ପାଇଁ ସୁରକ୍ଷା ଲୋଡ଼ା

ଭୋଗରାଇ, ୧।୪(ପ୍ରଦୀପ ଦାସ)

କଳାର ଉତ୍କର୍ଷ ଉତ୍କଳ। ଏହି ଉତ୍କଳୀୟ ଗୌରବମୟ ଇତିହାସ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଓଡ଼ିଆଙ୍କ ହୀନମନ୍ୟତା, ସଂକୀର୍ଣ୍ଣତା ପାଇଁ ଆମେ ସମସ୍ତେ ଦାୟୀ ବୋଲି ଓଡ଼ିଶା ଦିବସରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍କଳ ଦିବସରେ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଉପରେ ବହୁବିଶିଷ୍ଟ ବ୍ୟକ୍ତି ଅଭିବ୍ୟକ୍ତ ପ୍ରଦାନ କରିଛନ୍ତି। ସୀମାନ୍ତ ସହାବାଜିପୁର, ଚନ୍ଦନେଶ୍ୱର ଓ ଦେଉଳା ହାଟ ଆଦି ସ୍ଥାନରେ ଉତ୍କଳ ଦିବସ ପାଳନ କମିଟି, ଉତ୍କଳ ସମ୍ମିଳନୀ କମିଟି, ଭଏସ ଅଫ ଭୋଗରାଇ, ଭୋଗରାଇ ଉତ୍ସବ ଓ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ବ୍ୟାସକବି ଫକୀରମୋହନ ସେନାପତି ସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଆର ଅସ୍ମିତାର ବୀରତ୍ୱ କାହାଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବର୍ଣ୍ଣାଢ୍ୟ ଉତ୍ସବ ଆରମ୍ଭ ହୋଇଛି। ଦେଉଳା ଉତ୍କଳ ଦିବସ ପ୍ରସ୍ତୁତି କମିଟି ପକ୍ଷରୁ ସକାଳେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଶିକ୍ଷାବିତ ମନ୍ମଥ କୁମାର ଗିରି, ସାମାଜିକ କର୍ମୀ ଶକ୍ତିପଦ ଦାସ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସହାବାଜିପୁର ଉତ୍କଳ ଗୌରବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ବିଜେଡିର ବରିଷ୍ଠ ନେତା ତପନ କୁମାର ପଣ୍ଡା, ଭୋଗରାଇ ଉତ୍ସବ କମିଟି ସଭାପତି ତଥା ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ରଘୁନାଥ ମହାନ୍ତି ପ୍ରମୁଖ ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ଦେଉଳାହାଟରେ ଉତ୍କଳ ଦିବସ କମିଟି ପକ୍ଷରୁ ଏକ ସାଧାରଣ ସଭା କରାଯାଇଥିଲା। ଏହାକୁ ଉଦ୍‌ଘାଟନ କରିଥିଲେ ଭାରତଜ୍ୟୋତି ସମ୍ମାନିତ ଡା ଶ୍ରୀଶ କୁମାର ଦାଶ। ବ୍ୟଙ୍ଗକବି ଡ଼ଃ ଶ୍ରୀକୁମାର ଘୋଷ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗବେଷକ ଡ଼ଃ କୃଷ୍ଣକେଶବ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନୀତ ବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ହରେନ୍ଦ୍ର ଦାସ ପ୍ରମୁଖ ମା' ମାଟି ମାତୃଭାଷାର ସୁରକ୍ଷା ନିମନ୍ତେ ସୀମାନ୍ତବାସୀ ଜାଗ୍ରତ ପ୍ରହରୀ ଭାବେ ଉଭା ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ ମନ୍ମଥ କୁମାର ଗିରି ଓ ଯୁବକବି ଅରୁଣ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ନିଶେଷ ଦେବ ଧନ୍ୟବାଦ ଦେଇଥିଲେ।

## ବରପୁତ୍ରଙ୍କୁ ମନେପକାଇଲେ ବିଜେଡି କର୍ମୀ



ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ଅବସରରେ ପ୍ରାକ୍ତନ ବିଧାୟକ ଜ୍ୟୋତି ପାଣିଗ୍ରାହୀ ଓ ତାଙ୍କର ସମର୍ଥକ।

ଖଇରା, ୧।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଦୁର୍ଗାମଣ୍ଡପରେ ପ୍ରାକ୍ତନ ସିମୁଳିଆ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନିଜର ଶତାଧିକ ସମର୍ଥକ ତଥା ବିଜେଡି କର୍ମୀଙ୍କ ଗହଣରେ ଓଡ଼ିଶା ଦିବସ ପାଳନ କରିବା ସହ ଓଡିଶାର ବରପୁତ୍ରଙ୍କୁ ମନେ ପକାଇଛନ୍ତି। ପ୍ରଥମେ ଦୁର୍ଗାମଣ୍ଡପ ନିକଟରେ ଥିବା ଗାନ୍ଧୀ, ଗୋପବନ୍ଧୁ, ଫକୀରମୋହନ ଓ ବିଶ୍ୱନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସାମୂହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ବେହେରା, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି ଓ ସମିତିସଭ୍ୟା ଦମୟନ୍ତୀ ସିଂ, ଗଡସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ପ୍ରାକ୍ତନ ସରପଞ୍ଚ ସୁଦର୍ଶନ ସେଠୀ, ବିଜେଡି ନେତା ବିଜୟ କୁମାର ବାରିକ, ଦୁନି ଧାଦା, ପ୍ରହଲ୍ଲାଦ ପତି ଓ ବିଶ୍ୱଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବ୍ଲକ ପରିସରରେ ଥିବା ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ତାଲା ଭାଙ୍ଗି ବିଦ୍ୟାଳୟରୁ ସ୍ମାର୍ଟ ଟିଭି ଚୋରି

ବାଲେଶ୍ୱର, ୧।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ମଧୁପୁରା ଉପେନ୍ଦ୍ର ନାଥ ସରକାରୀ ଉପ୍ରା ବିଦ୍ୟାଳୟର ତାଲା ଭାଙ୍ଗି ସୋମବାର ରାତିରେ ଦୁର୍ବୃତ୍ତମାନେ ସ୍ମାର୍ଟ ଟିଭି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମଙ୍ଗଳବାର ଥାନାରେ ଏକ ମାମଲା (ନଂ. ୬୫/୨୫) ରୁଜୁ ହୋଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅଭିଯୋଗ ମୁତାବକ, ମଙ୍ଗଳବାର ଓଡ଼ିଶା ଦିବସ ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉତ୍ସାହର ସହିତ ବିଦ୍ୟାଳୟକୁ ଆସିଥିଲେ। ମାତ୍ର ବିଦ୍ୟାଳୟର ମୁଖ୍ୟ ଫାଟକ ସହିତ ଅଫିସ ଗୃହ ଓ ଶ୍ରେଣୀଗୃହର ମୋଟ ୩ଟି ତାଲା ଭାଙ୍ଗି ଏକ ସ୍ମାର୍ଟ ଟିଭି ଓ ସାଉଣ୍ଡ ବକ୍ସକୁ ଦୁର୍ବୃତ୍ତମାନେ ଲୁଟ୍ କରିଥିବା ଜଣାପଡ଼ିଥିଲା। ଅଭିଯୋଗ ପାଇ ସିଂଲା ଥାନା ଅଧିକାରୀ କମଳିନୀ ତାଣ୍ଡି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଛନ୍ତି। ନିୟମିତ ପୋଲିସ ପାଟ୍ରୋଲିଂ ସହ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ରଣା ଓ ଅଭିଭାବକ ମାନିନୀ ଘୋଷ, ଚନ୍ଦନ ଘୋଷ, ରାମକୃଷ୍ଣ ବାରିକ, ଶ୍ରୀହରି ଘୋଷ, ପୂଜା ଗିରି, ପାର୍ବତୀ ଜେନା, ସାଗର ଘୋଷ ଓ ସଂଯୁକ୍ତା ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

## ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର, ଲଙ୍ଗଳେଶ୍ୱର ଦଳ ବିଜୟୀ

ଲଙ୍ଗଳେଶ୍ୱର, ୧।୪(କମଳାକାନ୍ତ ଦାସ)

**ଦାନ୍ତୁଣିଦା 'ସମ୍ପର୍କ ପ୍ରିମିୟର ଲିଗ୍' ଉଦ୍‌ଯାପିତ**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଦାନ୍ତୁଣିଦା ଗ୍ରାମର ସ୍ପିନିଂ ମିଲ୍ ପଡିଆଠାରେ 'ସମ୍ପର୍କ ପ୍ରିମିୟର ଲିଗ୍' ରବିବାର ଉଦ୍‌ଯାପିତ ହୋଇଯାଇଛି। 'ସମ୍ପର୍କ ପ୍ରିମିୟର ଲିଗ୍' ୮ରୁ ଆରମ୍ଭ ହୋଇ ୩୦ ତାରିଖରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ଖେଳ ମୁନା ଇଲେଭେନ ବଡ଼ାପାଳ ଦଳ ସହିତ ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ଲଙ୍ଗଳେଶ୍ୱର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ମୁନା ଇଲେଭେନ ବଡ଼ାପାଳ ଦଳ ସମସ୍ତ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ଦିବ୍ୟଜ୍ୟୋତି ରାଇଜିଂ ଷ୍ଟାର ଲଙ୍ଗଳେଶ୍ୱର ଦଳ ୪ ଉଇକେଟ ହରାଇ ଆବଶ୍ୟକ ୨୧୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରି ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଧାୟିକା ଜେନା ଆୟୋଜକ ତଥା ଖେଳାଳୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଦେଭୋଗ ସରପଞ୍ଚ ସବିତା ନାୟକ, ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ସମିତି ସଦସ୍ୟାଙ୍କ ପ୍ରତିନିଧି ଧନଞ୍ଜୟ ଗିରି, ପଞ୍ଚାୟତ ସଭାପତି ଗୋପାଳ ଗିରି, ବରିଷ୍ଠ ନେତା ସତ୍ୟାନନ୍ଦ ମହାନ୍ତି, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ସହଯୋଗ କରିଥିଲେ।

## କମ୍ପ୍ୟୁଟର କେନ୍ଦ୍ର ଉଦ୍‌ଘାଟିତ

ଔପଦା,୧।୪(ଧରିତ୍ରୀ ପଣ୍ଡା):ଔପଦାରେ ନୂତନ ଭାବେ ଆପେକ୍ସ କମ୍ପ୍ୟୁଟର କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ଥାନା ଅଧିକାରୀ ପ୍ରମୋଦ ଦାସ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ନାୟକ, କମ୍ପ୍ୟୁଟର କେନ୍ଦ୍ର ପରିଚାଳକ ବିଶ୍ୱରଞ୍ଜନ ବେହେରାଙ୍କ ସମେତ ବିଶିଷ୍ଟ ଅତିଥି ଓ ତାଲିମଦାତା ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ପ୍ରଣାଳୀରେ କେନ୍ଦ୍ର ଖୋଲାଯାଇଥିବାରୁ ସହଜ ଓ ସରଳ ଉପାୟରେ କମ୍ପ୍ୟୁଟର ଶିକ୍ଷା ଦିଆଯିବ ବୋଲି କେନ୍ଦ୍ର ପରିଚାଳକ ବେହେରା ପ୍ରକାଶ କରିଛନ୍ତି।

## ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ସଭାରେ ମଞ୍ଚାସୀନ ଅତିଥି।

କାଳିପଦା, ୧।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ ମଧୁପୁରା ସେବା ସମବାୟ ସମିତି ୨୦୨୫ର ବାର୍ଷିକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସେବା ସମିତି ସଭାପତି ପୂର୍ବତନ ସରପଞ୍ଚ ମୂରଲୀମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଶାନ୍ତିଲତା ବେହେରା, ସମ୍ପାଦକ ପ୍ରତାପ କୁମାର ଗିରି, ମୂରଲୀଧର ପ୍ରଧାନ, ସଞ୍ଜୟ କୁମାର ସାହୁ, ଶାଖା ପରିଚାଳକ ଅରୁଣ କୁମାର ମାଇତି, ଏରିଆ ଅଫିସର ଶମ୍ଭୁନାଥ ନାୟକ ପ୍ରମୁଖ ମଞ୍ଚାସୀନ ରହି ଓଡ଼ିଶା ସରକାରଙ୍କ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳାରେ ଅନ୍ତର୍ଭୁକ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଚାଷୀ ଭାଇଭଉଣୀମାନଙ୍କୁ ସହଜରେ ବ୍ୟାଙ୍କିଂ ସୁବିଧା, ୩୨ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ, ଯୁଗ୍ମ ଦେୟ ଗୋଷ୍ଠୀ ଏବଂ ସହାୟକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀ ତଥା ଭାଗଚାଷୀମାନଙ୍କୁ ବିନା ସୁଧରେ କୃଷି ଋଣ ସେବା ସମବାୟ ସମିତିରୁ ଯୋଗାଇ ଦିଆଯିବାର ସୁବିଧା ଅଛି ବୋଲି କହିଥିଲେ। ବାଲିଆପାଳ, ଦେଉଳା, ଜାମକୁଣ୍ଡା ପଞ୍ଚାୟତ କାଳରୁହିର ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସଭାରେ ସଭାପତିଙ୍କୁ ଅବଗତ କରାଇଥିଲେ। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସାହୁ କହିଛନ୍ତି। ସମବାୟ ସମିତିର ସଦସ୍ୟ ରାଜୀବଲୋଚନ ଜେନା, ପ୍ରଥମ ବାରିକ, ସୁଶାନ୍ତ କୁମାର ବିଶ୍ୱାଳ, ଆଶିଷ ଚକ୍ରବର୍ତ୍ତୀ, କମଳଲୋଚନ ଦତ୍ତ, ଲକ୍ଷ୍ମୀଧର ଗଙ୍ଗାଇ, ସେବତୀ ଜେନା, ପଦ୍ମଲୋଚନ ରାଉତ ଗୋପାଳ ମାରାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଦସ୍ୟ ଅଶୋକ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ହେଲେ ଯୁକ୍ତ ୨ ଛାତ୍ରୀ

ପାଟଣା,୧।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ମା' ହୋଇଛନ୍ତି। ମଙ୍ଗଳବାର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ୧୯ ବର୍ଷୀୟା ଆଦିବାସୀ ଛାତ୍ରୀ ଜଣକ ଜଣେ ଯୁବକଙ୍କ ପ୍ରେମ ଓ ପ୍ରତାରଣାର ଶିକାର ହୋଇ ୯ ମାସର ଅନ୍ତଃସତ୍ତ୍ୱା ହେବା ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ମଙ୍ଗଳବାର ଛାତ୍ରୀ ଜଣକ ପ୍ରସବ ବେଦନା ପାଇବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଆଶା କର୍ମୀଙ୍କ ସହାୟତାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଜଟିଳ ହେବାରୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ସେ ଏକ ପୁତ୍ର ସନ୍ତାନ ପ୍ରସବ କରିଥିବା ଜଣାପଡ଼ିଛି। ଉଭୟ ମା' ପୁଅ ସୁସ୍ଥ ଥିବା ଛାତ୍ରୀଙ୍କ କକା କହିଛନ୍ତି। ସୂଚନା ଯୋଗ୍ୟ, ଉକ୍ତ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଶାରୀରିକ ସମ୍ପର୍କ ରଖିବାରୁ ସେ ଅନ୍ତଃସତ୍ତ୍ୱା ହୋଇଥିଲେ। ପରେ ଯୁବକ ଜଣକ ଗ୍ରହଣ କରିବାକୁ ଅରାଜି ହେବାରୁ ଛାତ୍ରୀଙ୍କ ପରିବାର ଲୋକେ କେନ୍ଦୁଝର ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଥାନାରେ ଏତଲା ଦେଇଥିଲେ। ତେବେ ଗିରଫ ଭୟରେ ଯୁବକ ଜଣକ ଫେରାର ଥିବା ଜଣାପଡ଼ିଛି। ଏନେଇ ପାଟଣା ଥାନାରେ ଏକ ମାମଲା(ନଂ. ୫୩/୨୫) ରୁଜୁ ହୋଇଛି।

## କଂଗ୍ରେସ ପକ୍ଷରୁ ଓଡ଼ିଶା ଦିବସ ପାଳନ

ବାରିପଦା,୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ଜିଲା କଂଗ୍ରେସ ପକ୍ଷରୁ 'ଉତ୍କଳ ଦିବସ' ପାଳନ କରାଯାଇଛି। ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଶୁଶିଳା ତିରିଆ, ପୂର୍ବତନ ଜିଲା ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ଅରବିନ୍ଦ ଦାସ, ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଦୀପକ ଦାଶ, ପ୍ରମୋଦ ହେମ୍ବ୍ରମ, ମାଧବୀ ସେନାପତି, ଶିବାନନ୍ଦ ଦାସ, ଚୈତନ୍ୟ ହାଁସଦା, ଅଜିତ ଜେନା, ୱାହିଦା ଅହମ୍ମଦ, ସାଗନ ଦାସ, ନାରାୟଣ ପଟ୍ଟନାୟକ, ପୂର୍ଣ୍ଣ ବିଶ୍ୱାଳ, ସ୍ୱରୁପ ମିଶ୍ର, ନିରୋଜ ଦାଶ, ମୋତିପ୍ରକାଶ ଦାସ, ତାରାକାନ୍ତ ବେହେରା, ନାରାୟଣ ସୋରେନ, ସିଦ୍ଧେଶ୍ୱର ସୋରେନ, ପ୍ରଦୀପ ମିଶ୍ର,ଏମଡି ନାଜିରୁଲ ହକ, ମନୋଜ ଦାସ, ହରିହର ସାହୁ, ଅବିନାଶ ଖିଲାର, ବିଶ୍ୱଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜକିଶୋରଙ୍କ ଘରେ ପହଞ୍ଚିଲେ ମନ୍ତ୍ରୀ



ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସହାୟତା ପ୍ରଦାନ କରୁଛନ୍ତି।

କେନ୍ଦୁଝର,୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ ଅଧୀନ ନୂଆଗାଁ ଗ୍ରାମର ଶହୀଦ ରାଜକିଶୋର ମୁଣ୍ଡାଙ୍କ ଘରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ ପ୍ରମୁଖ ପହଞ୍ଚିଥିଲେ। ଶହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ମନ୍ତ୍ରୀ ଖୁଣ୍ଟିଆ ରାଜ କିଶୋରଙ୍କ ସ୍ତ୍ରୀ ଅମିତା ମୁଣ୍ଡାଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଡିଏଫଓ ଧନରାଜ ଏଚଡି,ସଦର ପୋଲିସ ଏସଆଇ ସ୍ୱରୂପରଞ୍ଜନ ନାୟକ ଓ ଅନ୍ୟଅଧିକାରୀମାନେ ଉପସ୍ଥିତଥିଲେ। ପଦ୍ମପୁରଠାରୁ ନୂଆଗାଁ ପର୍ଯ୍ୟନ୍ତ ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟ ହୋଇପଡ଼ିଛି। ଶହୀଦ ରାଜକିଶୋରଙ୍କ ସାହିକୁ ପାନୀୟଜଳ ସୁବିଧା ପାଇଁ ଗ୍ରାମବାସୀ ମନ୍ତ୍ରୀଙ୍କଠାରେ ଅଭିଯୋଗ କରିଥିଲେ। ମନ୍ତ୍ରୀ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ସମସ୍ୟା ଗୁଡ଼ିକର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଇଦ୍-ଉଲ୍-ଫିତର

ଖାରପୋଖରିଆ, ୧।୪ (ସୁଧୀର କୁମାର ମହାନ୍ତ)- ଖାରପୋଖରିଆ ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟ ଅବାଳ ବୃଦ୍ଧ ବନିତା ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ମସଜିଦକୁ ଯାଇ ସେଠାରେ ନମାଜ ପାଠ କରିବା ସହ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ପରିପ୍ରେକ୍ଷୀରେ ଖାରପୋଖରିଆ ବଜାର ଅଞ୍ଚଳରେ ବସବାସ କରୁଥିବା ମହମ୍ମଦ ନଜରୁଲ ଓ ଶେଖ ଉସମାନ କୁହନ୍ତି, ପୂର୍ବ ପୁରୁଷମାନେ ଇଦ୍-ଉଲ୍-ଫିତର ପର୍ବ ପାଳନ କରି ଆସୁଥିବାରୁ ଆମେ ସେମାନଙ୍କ ପଦାଙ୍କ ଅନୁସରଣ କରି ଉକ୍ତ ପର୍ବ ପାଳନ କରିଆସୁଛୁ।

## ଖଇରା ସାହିତ୍ୟ ସଂସଦର ବସନ୍ତ ଉତ୍ସବ

ଖଇରା, ୧।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଅପରାହ୍ନରେ ଖଇରା ସାହିତ୍ୟ ସଂସଦର ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗାୟିତ୍ରୀ ମନ୍ତ୍ର ଉଚ୍ଚାରଣ ଓ ଶାନ୍ତି ପାଠ ପରେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରଯାଇଥିଲା । ମାୟାଧର ନାୟକଙ୍କ ସଭାପତିତ୍ୱ ଓ ସଙ୍କୀର୍ତ୍ତନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୧୫ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଡ ଅଭୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଚିନ୍ତାମଣି ସାହାଣି ଯୋଗଦେଇ ସାହିତ୍ୟ ବଞ୍ଚିଲେ ସଭ୍ୟତା ଓ ସମାଜ ବଞ୍ଚିବ ବୋଲି କହିଥିଲେ। ସମ୍ପାଦକ ରଘୁନାଥ ପତ୍ରୀ ବିବରଣୀ ପାଠ କରିଥିଲେ। ଉଗ୍ରସେନ ମାଝି, ମଧୁସୂଦବ ରାଉଳ, ଶଶିକାନ୍ତ ଦାସ, ବସନ୍ତ କୁମାର ଦାସ, ନାରାୟଣ ପ୍ରସାଦ ପେଡା, ଦେବେନ୍ଦ୍ର ରାଉତ, ଗଗନ ବିହାରୀ ପଣ୍ଡା ଓ ଶ୍ରୀଧର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ,୧।୪(ନୀଳମଣି ମଣ୍ଡଳ)

ଢେଙ୍କିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ସମ୍ମାନୀୟ ଅତିଥି ଭାବେ ସରପଞ୍ଚ ଖଇର ନାଏକ, ଢେଙ୍କିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକିର ଚରଣ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ନାଥ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିପି ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ସାହୁ, ବିଦ୍ୟାଳୟରେ ଥିବା ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଲଲାଟେନ୍ଦୁ ସାହୁ, ଢେଙ୍କିକୋଟ ସର୍କଲ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲିପି ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ପରିଚାଳନା କରିଥିଲେ ଭଦ୍ରକ ଜିଲା ତିହିଡି ବ୍ଲକ ଗାଜିପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଚିତ୍ରା ମହାରଣା। ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାରଣା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ଓ ଶିକ୍ଷା କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍‌ରୁ ପଡ଼ି ଭଉଣୀ ମୃତ, ଭାଇ ଭାଉଜ ଗୁରୁତର

ପାଟଣା,୧।୪(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଗୋରାଣ୍ଡିଯୋଡି ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବାଇକ୍‌ରୁ ଖସିପଡ଼ି ଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଭାଇ ଭାଉଜ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତା ନାବାଳିକା ହେଲେ ପାଟଣା ଥାନା ଅଧୀନ ମାଧପୁର ଗ୍ରାମର ଲିଲି ମୁଣ୍ଡା(୧୭)।

ସୂଚନା ଅନୁଯାୟୀ, ଲିଲି ତାଙ୍କ ଭାଇ ବାପୁନ ମୁଣ୍ଡା ଏବଂ ଭାଉଜ ରିତାରାଣୀ ମୁଣ୍ଡାଙ୍କ ସହ କରଞ୍ଜିଆକୁ ଦୋଳ ଯାତ୍ରା ଦେଖିବାକୁ ଯାଉଥିଲେ। ଗୋରାଣ୍ଡିଯୋଡି ନିକଟରେ ବାଇକ୍‌ଟି ଏକ ଅସ୍ଥାୟୀ ହମ୍ପସରେ ଭାରସାମ୍ୟ ହରାଇବାରୁ ସେମାନେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଲିଲିଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସାହାରପଡ଼ା ଫାଣ୍ଡି ଏଏସ୍‌ଆଇ ପଞ୍ଚମୀ ମହାନ୍ତ ମୃତଦେହ ବ୍ୟବଚ୍ଛେଦ କରାଇ ପରବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୬୬/୨୫) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

